# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ତୋଫାନୀ ସମୁଦ୍ରକୁ ସୁଷ୍ଥିର କଲେ



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯୀଶୁ ଓ ତାଙ୍କର ଶିଶ୍ୟମାନେ ଏକ ନୌକାରେ ଥିଲେ ଯେତେବେଳେ ସେଠାରେ ପ୍ରବଳ ତୋଫାନ ହେଲା । ତୋଫାନରେ ଗଲୀଲି  ସମୁଦ୍ର ମାରାତ୍ମକ ହୋଇଗଲା । ଏପ୍ରକାର ତୋଫାନ ଯୋଗୁଁ ଜାହାଜ ଭାଙ୍ଗିଯାଏ ଓ ଲୋକମାନେ ବୁଡ଼ିଯାନ୍ତି ।

ତୋପାନ ଯୋଗୁଁ ଶିଶ୍ୟମାନେ ଭୟ ପାଇଗଲେ । ତରଙ୍ଗରେ ନୌକାଟି ଆଛାଦିତ ହେବାକୁ ଲାଗିଲା, ମାତ୍ର ସେ ତକିଆ ଉପରେ ଶୟନ କରିଥିଲେ, ତୋଫାନ ସମୟରେ ଶୟନ କରିଥିଲେ । ଶିଶ୍ୟମାନେ ତାଙ୍କୁ



ଉଠାଇ କହିଲେ, ହେ ଗୁରୁ, ହେ ଗୁରୁ, ରକ୍ଷା କରନ୍ତୁ, ଆମ୍ଭେ ମଲୁ ।

ଯୀଶୁ ସେମାନଙ୍କୁ କହିଲେ, ହେ ଅଳ୍ପବିଶ୍ୱାସିମାନେ, ତୁମ୍ଭେମାନେ କାହିଁକି ଏଡ଼େ ଭିରୁ? ସେ ଉଠି ପବନ ଓ ସମୁଦ୍ରକୁ ଧମକ ଦେଲେ, ଆଉ ସବୁ ଧିରସ୍ଥିର ହେଲା ।



ପବନ ଧିରସ୍ଥିର ହେଲା... ସମୁଦ୍ର ଶାନ୍ତ ଓ ସ୍ଥିର ହେଲା । ଶିଶ୍ୟମାନେ ଚମତ୍କୃତହୋଇ କହିଲେ, ଏ କିଏ? ଯେ ପବନ ଓ ସମୁଦ୍ର ଉଭୟ ଏହାଙ୍କ ଆଜ୍ଞା ମାନନ୍ତି ।



କେତେ ସମୟ ପରେ, ଯୀଶୁ ବହୁତ ବ୍ୟସ୍ତ
ହୋଇଗଲେ । କାରଣ ପାଞ୍ଚ ହଜାରରୁ ଅଧିକ
ଲୋକ ତାଙ୍କ ପଛେ ପଛେ ମରୁଭୂମି
ପର୍ଯ୍ୟନ୍ତ ପଳାଇଗଲେ ।



ପ୍ରଭୁଙ୍କ ଶକ୍ତିଦ୍ୱାରା, ଯୀଶୁ କେବଳ ଜଣେ ଛୋଟ

ପିଲାର ମଧ୍ୟାହ୍ନ ଭୋଜନ ଦ୍ୱାରା ସେସମସ୍ତଙ୍କୁ

ଭୋଜନ କରାଇଲେ । ସଂନ୍ଧ୍ୟା ହେବାରୁ

ଯୀଶୁ ସେ ସମସ୍ତଙ୍କୁ

ବିଦାୟ ଦେଲେ ।



ଏପରିକି ତାଙ୍କ ଶିଶ୍ୟମାନଙ୍କୁ ମଧ୍ୟ ଯିବାକୁ ପଡ଼ଲା । ଯୀଶୁ ସେମାନଙ୍କୁ ନୌକାରେ ଚଢ଼ି ନିଜ ଆଗରୁ ଗାଲୀଲି ପାର ହୋଇ ଆରପାରିକୁ





ଯେତେବେଳେ

ସେ ସମସ୍ତଙ୍କୁ ବିଦାୟ

କଲେ, ଯୀଶୁ ନିଜେ

ପର୍ବତ ଉପରକୁ ପ୍ରାର୍ଥନା

କରିବାକୁ ଗଲେ ।

ସଂନ୍ଧ୍ୟାହେଲା ପରେ

ସେଠାରେ ସେ ଏକାକୀ

ଥିଲେ ।



କିନ୍ତୁ ନୌକା ସେତେବେଳେ କୁଳରୁ
ଅନେକ ଦୂରରେ ଥିଲା ଏବଂ
ପ୍ରତିକୂଳ ବାୟୁ ହେତୁ ତାହା
ଲହଡ଼ିରେ ଟଳମଳ
ହେଉଥିଲା । ବହୁ ସମୟ
ଚେଷ୍ଟାପରେ
ମଧ୍ୟ ସେମାନେ
ସେପାରିକୁ ଯାଇପାରିଲେ
ନାହିଁ ।



ଶିଷ୍ୟମାନେ ଏ ବିଷୟରେ
କିଛି ଜାଣି ପାରିଲେ ନାହିଁ,
ସେମାନେ ବଡ଼ ଆଶ୍ଚର୍ଯ୍ୟ
ପାଇଁ ଯାଉଥିଲେ ।



କିନ୍ତୁ ରାତ୍ରୀର ଚ଼ତୁର୍ଥ ପ୍ରହରରେ ପ୍ରାୟ
ସକାଳ ତିନୀଟାରୁ ଚ଼ାରିଟା ମଧ୍ୟରେ,
ବୟୁରେ ନୌକା ଟଳମଳ ହେବା
ସମୟରେ ସମୁଦ୍ରରେ ଶିଶ୍ୟମାନେ
କିଛି ଦେଖିଲେ, ଯାହା ସେମାନଙ୍କୁ
ଭୟଭିତ କରିଦେଲା । ଏହା ଏକ
ଭୁତ ସେମାନେ ଚ଼ିତ୍କାର କଲେ । କିନ୍ତୁ
ସେ ଯୀଶୁ ଥିଲେ, ସେମାନଙ୍କର ପ୍ରଭୁ
ଓ ଗୁରୁ, ପାଣି ଉପରେ ଚ଼ାଲି
ସେମାନଙ୍କ ପାଖକୁ ଆସୁଥିଲେ ।

ଯୀଶୁ ସେମାନଙ୍କୁ କହିଲେ
ଉତ୍ତମରେ ଜୟଜୟକାର କର । ଏ
ତ ମୁଁ ଭୟ କରନାହିଁ । ପିତର
ତାଙ୍କୁ ଉତ୍ତର ଦେଲେ, ହେ ପ୍ରଭୁ,
ଯେବେ ଆପଣ ତେବେ ଜଳ
ଉପରେ ଆପଣଙ୍କ ନିକଟକୁ ଯିବା
ପାଇଁ ମୋତେ ଆଜ୍ଞା କରନ୍ତୁ ।
ଯୀଶୁ କହିଲେ, ଆସ । ପିତର
ନୌକାରୁ ଓହ୍ଲାଇ ଜଳ ଉପରେ
ଚାଲି ଯୀଶୁଙ୍କ ନିକଟକୁ ଗଲେ ।





କିନ୍ତୁ ସେ ପବନର ଭୟାବହତା ଦେଖି ଭୟ କଲେ, ଓ ବୁଡ଼ିବାକୁ ଲାଗିଲେ । ସେ ଚିତ୍କାର କରି ଯୀଶୁଙ୍କୁ ଡାକିଲେ, ହେ ପ୍ରଭୁ ମୋତେ ରକ୍ଷା କରନ୍ତୁ ।



ସଂଙ୍ଗେ ସଂଙ୍ଗେ ଯୀଶୁ ହାତ ବଢ଼ାଇ
ପିତରଙ୍କୁ ଧରିଲେ । ଯୀଶୁ ତାହାଙ୍କୁ
କହିଲେ ହେ ଅଳ୍ପବିଶ୍ୱାସି, କାହିଁକି
ସଂଦେହ କଲ? ଯେତେବେଳେ ପିତର ଓ
ଯୀଶୁ ନୌକାରେ ଚଢ଼ନ୍ତେ, ପବନ
ବନ୍ଦ ହେଲା ।



ସେଥିରେ ନୌକାରେ ଥିବା
ଲୋକମେନେ ତାହାଙ୍କୁ ପ୍ରଣାମ
କରି କହିଲେ, ଆପଣ ନିଶ୍ଚୟ
ଈଶ୍ୱରଙ୍କ ପୁତ୍ର ।

# ଯୀଶୁ ତୋଫାନୀ ସମୁଦ୍ରକୁ ସୁସ୍ଥିର କଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୮, ମାଥିଉ ୧୪, ମାର୍କ ୪, ଲୂକ ୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬